

# ୨୩

# ଭାରତୀୟ ସମାଜିକ ଚିନ୍ତକ
# (Indian Social Thinkers)

ଏହି ଅଧ୍ୟାୟରେ ଆମେ ଭାରତୀୟ ସମାଜ ସଂକ୍ରାନ୍ତରେ ଯେଉଁ କେତେକ ସମାଜିକ ଚିନ୍ତକଙ୍କର ଅବଦାନ ରହିଛି ସେମାନଙ୍କ ସମ୍ବନ୍ଧରେ ଆଲୋଚନା କରିବା । ଭାରତୀୟ ସଂସ୍କୃତି ପ୍ରତି ସେମାନଙ୍କ ଧାର୍ମିକ ଓ ବୋଧଶକ୍ତି ସମ୍ବନ୍ଧୀୟ ଅବଦାନ ବିଷୟରେ ମଧ୍ୟ ଶିକ୍ଷାଲାଭ କରିବା । ଏଠାରେ ଆମେ ସିନ୍ଧୁ ସଭ୍ୟତାରୁ ମହାପୁରୁଷ ସ୍ୱାମୀ ବିବେକାନନ୍ଦଙ୍କ ପର୍ଯ୍ୟନ୍ତ କିଛି ମୂଳତତ୍ତ୍ୱ ସହ ପରିଚିତ ହୋଇପାରିବା ।

## ଉଦ୍ଦେଶ୍ୟ (Objectives)

ଏହା ପାଠ କରିବା ପରେ ତୁମେ ଜାଣିପାରିବ :

- ଭାରତର ପୁରାତନ ଧର୍ମ ଓ ଦର୍ଶନର ଇତିହାସ
- କେତେକ ଭାରତୀୟ ସାମାଜିକ ଚିନ୍ତାଶୀଳ ବ୍ୟକ୍ତିଙ୍କ ଅବଦାନ ସମ୍ବନ୍ଧରେ ମଧ୍ୟ ଜାଣିପାରିବ ।

## ୨୩.୧ ପାଠକ୍ରମ ଉପରେ ଏକ ଦୃଷ୍ଟିପାତ

### ୨୩.୧.୧ ପୁରାତନ ସଭ୍ୟତା : ସିନ୍ଧୁ ଉପତ୍ୟକା ସଭ୍ୟତା (ଖ୍ରୀଷ୍ଟପୂର୍ବ ୩୦୦୦-୨୦୦୦)

ଭାରତର ପୁରାତନ ସାମାଜିକ ଚିନ୍ତାଧାରାର ଉତ୍ପତ୍ତି ମହେନଜୋ-ଦାରୋର ଆବିଷ୍କାରରୁ ମିଳିଥାଏ ଯାହାକି ପାଞ୍ଚ ହଜାର ବର୍ଷ ପୂର୍ବେ ନିର୍ମିତ ଏକ ସହରରୁ ସଭ୍ୟତା ବୋଲି ଯାହାକିଛି ଆବିଷ୍କାର ହୋଇଛି ସେଥିରୁ ଜଣାପଡେ । ସେତେବେଳର ଲୋକଙ୍କ ସାମାଜିକ ଚଳଣି ସମ୍ପର୍କରେ ଧାରଣା କରାଯାଇପାରେ । ଏଥିରୁ ଏହି ସଭ୍ୟତାର ଭଗ୍ନାବଶେଷରୁ ତଥ୍ୟ ମିଳେ । ସେଗୁଡିକ ମଧ୍ୟରେ ମହାଶକ୍ତି ମା'ଙ୍କର ମାଟିଚିତ୍ର ବା ଟେରାକୋଟା (Terracota), ଫାଲସ୍ (ପୁରୁଷ ଜନିତ 'ଲିଙ୍ଗ') ଏବଂ ଜଣେ ପୁରୁଷରୂପୀ ଭଗବାନ ଏକ ଯୋଗୀ (yogi) ବେଶରେ ବସିଥିବାର ଦେଖାଯାଏ । ଅନେକ ଗବେଷକ ଏହି ଦେବତାଙ୍କୁ ଭଗବାନ ଶିବଙ୍କ (Lord Shiba) ପୁରାତନ ଆକାର ବୋଲି ଭାବିଥାନ୍ତି । କେତେକ ପ୍ରତ୍ନତତ୍ତ୍ୱବିତ୍ (Archaeologist) ମତ ଦିଅନ୍ତି ଯେ ଭଗବାନ ଶିବଙ୍କୁ ପୂଜା କରିବାର ଅନେକ ଉଦାହରଣ ସିନ୍ଧୁ ଉପତ୍ୟକାରୁ ମିଳିଥାଏ ।



### ୨୩.୧.୨ ବେଦ (The Veda)

ଆମେ ଆର୍ଯ୍ୟ ସଭ୍ୟତା ଓ ତାର ସାମାଜିକ ଚିନ୍ତାଧାରା ଓ ପରମ୍ପରା ସମ୍ବନ୍ଧରେ ପବିତ୍ର ଗ୍ରନ୍ଥ 'ବେଦ'ରୁ ଜାଣିଥାଉଁ । ବେଦ ଶବ୍ଦଟି ଚାରୋଟି ପଂକ୍ତି ବା ଶ୍ଳୋକ ବା ପଦ (verson)ର ସମଷ୍ଟିରୁ ଆଦୃତ ଯାହାକୁ 'ସଂହିତା' କୁହାଯାଏ । ସେଗୁଡିକ ହେଲା ଋକ୍‌ବେଦ, ଯଜୁର ବେଦ, ସାମବେଦ ଏବ ଅଥର୍ବ ବେଦ । ବୈଦିକ ସାହିତ୍ୟ ଆର୍ଯ୍ୟମାନଙ୍କର ଭାରତରେ ପ୍ରଥମ ହଜାରେ ବର୍ଷର ରହଣି, ଚାଲିଚଳନ ଓ ଜୀବନ ପ୍ରଣାଳୀ ସମ୍ବନ୍ଧରେ ସୂଚନା ଦେଇଥାଏ । ବୈଦିକ ସାହିତ୍ୟ, ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦକୁ ନେଇ ଗଠିତ । ଏହି ଚାରିଗୋଟି ବୈଦିକ ସାହିତ୍ୟ ସମୟାନୁଯାୟୀ ଦେଖାଯାଇଥାଏ । ଏଗୁଡିକର ବିକାଶ ପାଇଁ ଚାରିଗୋଟି ସୋପାନ ହିସାବରେ କାର୍ଯ୍ୟ କରିଥାନ୍ତି । ସର୍ବପ୍ରଥମେ ଗ୍ରନ୍ଥଟି ହେଉଛି ଋକ୍‌ବେଦ ସଂହିତା ।

ଏଗୁଡିକ ମଧ୍ୟରୁ ସର୍ବପ୍ରଥମେ ଋକବେଦ ଗ୍ରନ୍ଥଟିର ରଚନା ହୋଇଥିଲା । ଏହାକୁ ବୈଦିକ ସାହିତ୍ୟର ମୂଳଭିତ୍ତି ବୋଲି ବିଚାର କରାଯାଏ । ଋକ୍‌ବେଦ ଗ୍ରନ୍ଥଟି ଦଶଗୋଟି ଅଧ୍ୟାୟ (Chapters) ବା ପୁସ୍ତକରେ ବିଭକ୍ତ ହୋଇଅଛି ଯାହାକୁ 'ମଣ୍ଡଳ' କୁହାଯାଏ । ଏହି ଈଶ୍ୱର ସ୍ତୁତି ବା ସ୍ତବ (hymn)ଗୁଡିକ ବହୁ କାଳରୁ ବୈଦିକ ଯୁଗର ମହାମନିଷୀମାନେ ରଚନା କରିଥିଲେ । ଋକ୍‌ବେଦର ଭଜନ ବା ଈଶ୍ୱର ସ୍ତୁତିଗୁଡିକ ବୈଦିକ ଯୁଗର ଜନସାଧାରଣଙ୍କ ଦୈନନ୍ଦିନ ଜୀବନ ବା କାର୍ଯ୍ୟ ପ୍ରଣାଳୀ ଯଥା- ଗୋରୁଗାଈ, ଘୋଡ଼ା ଚାଳନା, ଖାଦ୍ୟ ପ୍ରସ୍ତୁତି ଇତ୍ୟାଦି ସମ୍ବନ୍ଧରେ ସୂଚାଇଥାଏ । ବେଳେବେଳେ ସେମାନେ ଯୁଦ୍ଧରେ ଜୟଯୁକ୍ତ ହେବା ପାଇଁ, ବର୍ଷା ପାଇଁ ଓ ପିଲାଛୁଆଙ୍କ ଉନ୍ନତି ନିମିତ୍ତ ପ୍ରାର୍ଥନା କରିଥାନ୍ତି । ସେହି ଭଜନ ବା ସ୍ତୁତିଗୁଡିକ ଇନ୍ଦ୍ର, ଅଗ୍ନି, ବରୁଣ, ସୂର୍ଯ୍ୟ ଓ ଅନ୍ୟାନ୍ୟ ଋକ୍‌ବେଦର ଦେବାଦେବୀଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥାଏ । ତେଣୁ ଆମେ ଋକବେଦରୁ ବୈଦିକ ଯୁଗର ଜନସାଧାରଣଙ୍କ ଧାର୍ମିକ ବିଶ୍ୱାସ, ସାମାଜିକ ଓ ଅର୍ଥନୈତିକ ଜୀବନଶୈଳୀ ସମ୍ବନ୍ଧରେ ଅନେକ କିଛି ଜାଣିବାକୁ ପାଇଥାଉଁ । ସାଧାରଣତଃ ଲୋକଙ୍କ ବିଶ୍ୱାସ ଯେ ଅନେକ ଦେବାଦେବୀଙ୍କୁ ପୂଜା କରିବା ଦ୍ୱାରା ପରିବାରରେ ପୁରୁଷ ପିଲାଙ୍କ ପ୍ରାଧାନ୍ୟ ବଢ଼ିଥାଏ ।

ସାମବେଦ ବୈଦିକ ଯୁଗ ପରେ ରଚିତ ହୋଇଥିଲା । ଏହା ଋକ୍‌ବେଦର କେତେକ ଅଂଶକୁ ନେଇ ରଚନା ହୋଇଥିଲା । ଋକବେଦର କେତେକ ଐତିହାସିକ, ସାହିତ୍ୟିକ ଓ ସାମାଜିକ ମୂଲ୍ୟବୋଧକୁ ନେଇ ରଚିତ ସ୍ତବ (Hymn)ଗୁଡିକ ସାମବେଦରେ ସ୍ଥାନ ପାଇଥିଲା । ଏହାର ସୁମଧୁର ସଙ୍ଗୀତ ଯାହାକି ଏକ ଯାଦୁବିଦ୍ୟା ଶକ୍ତିପରି କାର୍ଯ୍ୟ କରିଥାଏ, ତାହା ସାମବେଦର ଗୁରୁତ୍ୱକୁ ବଢେଇ ଦେଇଥିଲା ।

ଯଜୁର୍‌ବେଦ ଦୁଇଭାଗରେ ବିଭକ୍ତ ହୋଇଥିଲା ଯଥା- ଶୁକ୍ଳ ଯଜୁରବେଦ ଓ କୃଷ୍ଣ ଯଜୁର୍‌ବେଦ । ଏହି ଦୁଇଟି ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ହେଉଛି ପୂର୍ବଟି କେବଳ ନିର୍ଦ୍ଦିଷ୍ଟ ପଦ୍ଧତି ବା ଧାରା (Formula) ବା ଯାଦୁ/କୁହୁକ ତଥା ମୋହକୁ (Spells) ନେଇ ରଚିତ ଯାହାକୁ ଯଜୁସ୍



କୁହାଯାଉଥିଲା ଏବଂ ଏହା ଯଜୁରବେଦରୁ ଆନୀତ ଏବଂ ପରବର୍ତ୍ତୀ କୃଷ୍ଣଯଜୁରବେଦରେ କେବଳ ଯଜ୍ଞ ସହିତ ସମ୍ପୃକ୍ତ । ଏଥିରେ ରୀତିନୀତି, ପଦ୍ଧତି, ନୀତିନିୟମ ଇତ୍ୟାଦିର ଉଲ୍ଲେଖ ରହିଥାଏ ।

ଅଥର୍ବ ବେଦ ହେଉଛି ଚାରୋଟି ବେଦର ଶେଷ ବେଦ ଯାହାକି ପ୍ରାଚୀନ ଯୁଗରେ ଲୋକଙ୍କର ଇଚ୍ଛା ମୁତାବକ ଯାଦୁକାରୀ ଆନନ୍ଦ ଆଣିଦେବା ସଂଗେ ପ୍ରେମିକ ପ୍ରେମିକାଙ୍କ ହୃଦୟକୁ ଜିଣିବା ଭଳି ଏବଂ କେତେକ ରୋଗର ଉପଶମ ନିମିତ୍ତ ରଚନା କରାଯାଇଥିଲା । ଏହି ଚିନ୍ତାଧାରା ଓ ବିଶ୍ୱାସ ମଧ୍ୟରୁ କିଛିକିଛି ବୈଦିକ ଯୁଗର ଲୋକେ ମୂଳ ଅଧିବସୀଙ୍କ ସହ ମିଶି ଏକ ଦୃଢ ସାଂସ୍କୃତିକ ସମ୍ପର୍କ ସ୍ଥାପନ କରିପାରିଥିଲେ । ଅଥର୍ବ ବେଦରେ ଇନ୍ଦ୍ରଜାଲ ଓ କୁହୁକ ବିଦ୍ୟା, ଜନ୍ମମୃତ୍ୟୁ, ରୋଗ ଓ ଭୟ ଆଦି ବିଷୟବସ୍ତୁକୁ ନେଇ ମନ୍ତ୍ରଗୁଡିକ ମାଧ୍ୟମରେ ଉଲ୍ଲେଖ ହୋଇଛି । ସବୁ ମନ୍ତ୍ର ପଦ୍ୟାବଳୀ ଆକାରରେ ରଚିତ ।

ସଂହିତାର ପରବର୍ତ୍ତୀ ପର୍ଯ୍ୟାୟଟି ହେଲା ବ୍ରାହ୍ମଣ । ସେଗୁଡିକ ଗଦ୍ୟ ଆକାରରେ ଲେଖାଯାଇଥିଲା ଏବଂ ଚାରୋଟି ବେଦର ମନ୍ତବ୍ୟ ବା ଉପସଂହାର ଆକାରରେ ପର୍ଯ୍ୟବେସିତ ଥିଲା । ପ୍ରତ୍ୟେକ ବେଦକୁ ୪ ଭାଗରେ ବିଭକ୍ତ କରାଯାଇପାରେ । ସେଗୁଡ଼ିକ ହେଲା– କୌଶିକ, ଯଇମିନୀୟ, ଶତପଥୀ ଓ ତଇତିରିୟା ବ୍ରାହ୍ମଣ ।

ବ୍ରାହ୍ମଣର ଉପସଂହାର ଭାଗକୁ ଆରଣ୍ୟକ କୁହାଯାଏ । ଏହା ଅରଣ୍ୟରେ ରଚିତ ହୋଇଥାଇପାରେ । ଅର୍ଥାତ୍ ପୁସ୍ତକର ମୂଳ ରଚନା ଅରଣ୍ୟରେ ବା ଜଙ୍ଗଲରେ ହୋଇଥିଲା । ବୋଧହୁଏ ଏଥିର ବିଷୟବସ୍ତୁ ଏତେ ଗୋପନୀୟ ଥିଲା ତାହାକୁ କେବଳ ଆରଣ୍ୟରେ ରଚନା କରାଯାଇଥିଲା । ବିଷୟବସ୍ତୁଗୁଡିକ ପ୍ରକୃତି ସଙ୍ଗେ ଓତଃପ୍ରୋତ୍ ଭାବରେ ଜଡିତ । ଏଥିରୁ ବିଷୟବସ୍ତୁ ରହସ୍ୟବାଦ ଓ ଯଜ୍ଞର ବିଧିବିଧାନ ଉପରେ ଆଧାରିତ ଏହା ସମସ୍ତ ବୈଦିକ ସାହିତ୍ୟର ଦାର୍ଶନିକ ବ୍ୟାଖ୍ୟାକୁ ଦର୍ଶାଉଥିଲା ।

ଋକ୍‌ବେଦ, ସାମ୍‌ବେଦ, ଯଜୁର୍‌ବେଦ ଏବଂ ଅଥର୍ବବେଦ ହେଉଛି ଚାରିପ୍ରକାର ବେଦ । ଆରଣ୍ୟକଟି ବୋଧହୁଏ ଅରଣ୍ୟରେ ବା ଜଙ୍ଗଲରେ ରଚନା କରାଯାଇଥିଲା । ଉପନିଷଦ ଭାରତୀୟ ଆଦର୍ଶ ଓ ବୈଦିକ ଚିନ୍ତାଧାରା ଉପରେ ଆଧାରିତ । ହିନ୍ଦୁଧର୍ମର ସାରଦର୍ଶନ ଓ ତତ୍ତ୍ୱକୁ ନେଇ ଉପନିଷଦ ରଚିତ ଯାହା 'ବେଦାନ୍ତ' ନାମରେ ପରିଚିତ ।

### ୨୩.୧.୩ ପୁର୍ନଚିନ୍ତନ ଯୁଗ (The Age of Rethinking)

ଆଦ୍ୟ ଉପନିଷଦ ଯୁଗର ପରବର୍ତ୍ତିକାଳରେ ବ୍ୟକ୍ତିବାଚକ ଈଶ୍ୱର (Personal God) ଉପରେ ଦୃଢ ବିଶ୍ୱାସ ଥିଲା ଯାହାକି ଭକ୍ତି (Devotion) ରୂପେ ପୂଜା କରାଯାଉଥିଲା । ଏହାର ପରବର୍ତ୍ତୀ ସମୟରେ ଧ୍ୟାନ ଏବଂ ଜ୍ଞାନ (Meditation and knowledge) ମାଧ୍ୟମରେ ଏକ ଅବ୍ୟକ୍ତ ବାଚକ ଈଶ୍ୱର (Impersonal God) ବା ବ୍ରହ୍ମ (Brahma) କୁହାଯାଉଥିଲା ।

ଏହି ଯୁଗରେ ମଧ୍ୟ ବୌଦ୍ଧ ଧର୍ମ ଓ ଜୈନ ଧର୍ମର ଆବିର୍ଭାବ ହୋଇଥିଲା ।

## ଗୌତମ ବୁଦ୍ଧ ଏବଂ ମହାବୀର (Gautam Buddha and Mahavir)

ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମ ବୁଦ୍ଧ ଏକ ରାଜ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ୮୦ ବର୍ଷର ଜୀବନକାଳ ମଧ୍ୟରେ ସେ ମାତ୍ର ୩୫ ବର୍ଷ ବୟସରେ ଜ୍ଞାନପ୍ରାପ୍ତି ଅଥବା ସିଦ୍ଧି ଲାଭ କରିଥିଲେ ଏବଂ ସେ ବୁଦ୍ଧ ଭାବରେ ପରିଚିତ ହେଲେ । ଖ୍ରୀଷ୍ଟପୂର୍ବ ୫୩୨-୪୮୭ ମଧ୍ୟରେ ତାଙ୍କ ଭାବନାର ମୌଳିକ ଚିନ୍ତାଧାରାକୁ ସେ ସୁବ୍ୟବସ୍ଥିତ କରିପାରିଥିଲେ ଯାହାକି ପରବର୍ତ୍ତୀ କାଳରେ "ବୌଦ୍ଧଧର୍ମ" ନାମରେ ପରିଚିତ ହେଲା ।

ବର୍ଦ୍ଧମାନ ମହାବୀର ଜୈନ ଧର୍ମର ପ୍ରତିଷ୍ଠାତା । ସେ ବୈଶାଳୀଠାରେ ଜନ୍ମଗ୍ରହଣ କରିଥିଲେ । ସେ ମାତ୍ର ୩୨ ବର୍ଷ ବୟସରେ ପରମ ଜ୍ଞାନର (Supreme knowledge) ଅଧିକାରୀ ହୋଇପାରିଥିଲେ । ଖ୍ରୀଷ୍ଟପୂର୍ବ ୪୯୭ ଓ ୪୬୭ ମଧ୍ୟରେ ତାଙ୍କର ଧାର୍ମିକ ଜୀବନ ବିତିଥିଲା । କିନ୍ତୁ ଏହାର ଯଥେଷ୍ଟ ପୂର୍ବରୁ ଜୈନ ଧର୍ମ ଆସିଅଛି ବୋଲି ବିଶ୍ୱାସ କରାଯାଏ । ଜୈନମାନଙ୍କ ବିଶ୍ୱାସ ଯେ ମହାବୀରଙ୍କ ପୂର୍ବରୁ ୨୩ ଜଣ ଜୈନ ଶିକ୍ଷକ (ତୀର୍ଥଙ୍କର) ଥିଲେ ଏବଂ ମହାବୀର ହେଉଛନ୍ତି ଶେଷ ତୀର୍ଥଙ୍କର । ଜୈନମାନଙ୍କର ସର୍ବମୋଟ ଏହି ୨୪ ଜଣ ତୀର୍ଥଙ୍କର ସମ୍ବନ୍ଧରେ ଖୁବ୍ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଅଛି ।

ବୌଦ୍ଧ ଧର୍ମ କୌଣସି ଏକ ପରମ ଈଶ୍ୱରଙ୍କ ଅସ୍ତିତ୍ୱକୁ ସ୍ୱୀକାର କରିନଥାଏ । ଏଣୁ ଈଶ୍ୱରଙ୍କ ପ୍ରତି ବୌଦ୍ଧ ଧର୍ମଚିନ୍ତାଧାରାର କୌଣସି ସ୍ଥାନ ନାହିଁ । ଏହାର ଅର୍ଥ ଏହା କୌଣସି ଏକ ଈଶ୍ୱରଙ୍କ ଚିନ୍ତାଧାରା ଉପରେ ବେଷ୍ଟିତ ନୁହେଁ । ବୌଦ୍ଧଧର୍ମରେ କେବଳ ନିର୍ବାଣ (Salvation) ହାସଲ କରିବା ହେଉଛି ମୂଳ ଲକ୍ଷ୍ୟ (ସମ୍ପୂର୍ଣ୍ଣ ଭାବରେ ଜନ୍ମ ଓ ମୃତ୍ୟୁର ଚକ୍ରରୁ ମୁକ୍ତି) ଯାହାକି କେତେକ ମୂଲ୍ୟବୋଧ ଓ ନୀତି ଉପରେ ପର୍ଯ୍ୟବେଷିତ । ଏହା ହିନ୍ଦୁମାନଙ୍କର ବର୍ଣ୍ଣବ୍ୟବସ୍ଥା ବା ଜାତିବ୍ୟବସ୍ଥାକୁ ଘୋର ବିରୋଧ କରିଥାଏ । ଏହା ମଧ୍ୟ ପଶୁବଳୀକୁ ସମ୍ପୂର୍ଣ୍ଣ ବିରୋଧ କରିଥାଏ ।

ଜୈନ ଧର୍ମରେ ବୌଦ୍ଧ ଧର୍ମର କେତେକ ବୈଶିଷ୍ଟ ବା ଗୁଣଗୁଡ଼ିକ ଦେଖାଯାଇଥାଏ । ଏହା ଅହିଂସାକୁ (Non-Violence) ମୂଳ ଆଦର୍ଶ ରୂପେ ବିଚାର କରିଥାଏ । ଜୈନ ଧର୍ମ ମଧ୍ୟ କେତେକ ସାମାଜିକ ଅଭ୍ୟାସ ବା ପଦ୍ଧତିକୁ ପ୍ରାଧାନ୍ୟ ଦେଇଥାଏ (ଯଥା : ଉପବାସ, ଅତ୍ୟଧିକ ଯୌନ ସମ୍ପର୍କକୁ ବାରଣ ଇତ୍ୟାଦି) । ଏହା ମଣିଷକୁ ପାପମୁକ୍ତ କରିଥାଏ କାରଣ ପ୍ରତ୍ୟେକ ଆତ୍ମା ପବିତ୍ର ବୋଲି ଏହି ଧର୍ମ ବିଶ୍ୱାସ କରେ ।

ନନ୍ଦରାଜାମାନେ ଏବଂ ବିଶେଷ ଭାବରେ (ଖ୍ରୀଷ୍ଟପୂର୍ବ ୩୨୧-୨୯୬) ସମ୍ରାଟ ଚନ୍ଦ୍ରଗୁପ୍ତମୌର୍ଯ୍ୟ ଜୈନ ଧର୍ମର ପ୍ରସାର କ୍ଷେତ୍ରରେ ବେଶ ଉତ୍ସାହ ଦେଖାଇଥିଲେ । କାଳକ୍ରମେ ପରବର୍ତ୍ତୀ ସମୟରେ



ଜୈନ ଧର୍ମ ସାରା ଭାରତବର୍ଷରେ ପ୍ରସାର ଲାଭ କରିଥିଲା । କିନ୍ତୁ ଏହି ଧର୍ମ ପରେ ଦୁଇଟି ସମ୍ପ୍ରଦାୟରେ ପରିଣତ ହେଲା ଯଥା- ଦିଗମ୍ବର ଏବଂ ଶ୍ୱେତାମ୍ବର । ଚନ୍ଦ୍ରଗୁପ୍ତମୌର୍ଯ୍ୟଙ୍କ ନାତି ସମ୍ରାଟ ଅଶୋକଙ୍କ ଶାସନ କାଳରେ (ଖ୍ରୀଷ୍ଟପୂର୍ବ ୨୭୩- ୨୩୬) ଭାରତରେ ବୌଦ୍ଧଧର୍ମ ବିଶେଷ ଭାବରେ ପ୍ରଚାର ଓ ପ୍ରସାର ଲାଭ କରିଥିଲା । କିନ୍ତୁ କଳିଙ୍ଗ ଯୁଦ୍ଧ ପରେ ବୌଦ୍ଧଧର୍ମ କେବଳ ଭାରତରେ ନୁହେଁ, ଭାରତ ବାହାରେ ମଧ୍ୟ ବିଭିନ୍ନ ଦେଶମାନଙ୍କରେ ପ୍ରସାର ଲାଭ କଲା । ବୌଦ୍ଧଧର୍ମର ପ୍ରଭାବ ଯୋଗୁଁ ଜୈନଧର୍ମ ପୂର୍ବ ଭାରତରେ ତାର ପ୍ରଭାବ ହରାଇ ବସିଲା କିନ୍ତୁ ଦକ୍ଷିଣ ଓ ପଶ୍ଚିମ ଭାରତରେ ବେଶ ଆଦର ଲାଭ କଲା ।

## ପାଠଗତ ପ୍ରଶ୍ନ ୨୩.୧ (Intext Questions)

ଶୂନ୍ୟ ସ୍ଥାନଗୁଡିକ ପୂରଣ କର

୧. ଭାରତରେ ସାମାଜିକ ଚିନ୍ତାଧାରା ................ ସଭ୍ୟତାରୁ ଆରମ୍ଭ ହୋଇଥିଲା ।

୨. ଆର୍ଯ୍ୟମାନଙ୍କର ପବିତ୍ର ଗ୍ରନ୍ଥକୁ .................. କୁହାଯାଏ ।

୩. ଯଜ୍ଞ ଶବ୍ଦର ଅର୍ଥ ............... ।

୪. ହିନ୍ଦୁ ଧର୍ମର ମୁଖ୍ୟ ବୈଶିଷ୍ଟଗୁଡିକ .....................ରୁ ଆସିଅଛି ।

୫. ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୋଟିଏ ................. ପରିବାରରେ ଜନ୍ମଗ୍ରହଣ କରିଥିଲେ ।

୬. ............. ବୈଶାଳିରେ ଜନ୍ମଗ୍ରହଣ କରିଥିଲେ ।

୭. ..................... ଶବ୍ଦଟି ଜୈନ ଧର୍ମର ୨୪ ଜଣ ଶିକ୍ଷକ ପାଇଁ ବ୍ୟବହୃତ ହୋଇଥାଏ ।

୮. ଅହିଂସା ଶବ୍ଦଟିକୁ .................. ବୋଲି କୁହାଯାଏ ।

୯. ହିନ୍ଦୁ ସମାଜରେ ଚତୁଃବର୍ଣ୍ଣକୁ .................. ଟି ଭାଗରେ ବଭକ୍ତ କରାଯାଇଥାଏ ।

## ୨୩.୨ ବ୍ରାହ୍ମଣ ଧର୍ମର ଆବିର୍ଭାବ

ଐତିହାସିକଙ୍କ ମତରେ ଚତୁର୍ଥ ଶତାବ୍ଦୀକୁ ଭାରତର ଏକ ବିଶେଷ ସମୟ ରୂପେ ବିଚାର କରାଯାଏ । ଏହି ସମୟରୁ ବ୍ରାହ୍ମଣଧର୍ମ (ହିନ୍ଦୁଧର୍ମ) ଧିରେ ଧିରେ ଆଧିପତ୍ୟ ବିସ୍ତାର କରିଥିବାବେଳେ ବୌଦ୍ଧଧର୍ମ ଓ ଜୈନଧର୍ମର ପ୍ରାଧାନ୍ୟ ହ୍ରାସ ହୋଇଥିଲା । ଦ୍ୱାଦଶ ଶତାବ୍ଦୀରେ ବୌଦ୍ଧଧର୍ମ ଭାରତରୁ ପ୍ରାୟ ଲୋପ ପାଇଥିବାବେଳେ ଜୈନଧର୍ମ ଦକ୍ଷିଣ ଓ ପଶ୍ଚିମ ଭାରତରେ ଗୋଟିଏ ଧାର୍ମିକ ସମୁଦାୟରେ ପରିଣତ ହୋଇଥିଲା । ତେଣୁ ବୌଦ୍ଧଧର୍ମ ଓ ଜୈନଧର୍ମର ପ୍ରାଧାନ୍ୟ ହ୍ରାସ ହେବା


ପରେ ବ୍ରାହ୍ମଣ ଧର୍ମ ବେଶ ବିସ୍ତାର ଲାଭ କଲା । କିନ୍ତୁ ଏହାର ସମଜାତିୟତା ଭାବ ନଥିଲା । ଏହା ବିଭିନ୍ନ ଗୋଷ୍ଠୀକୁ ନେଇ ଗଠିତ ହୋଇଥିଲା ଯଥା- ସଉ, ଶୈବ, ଶାକ୍ତ ଓ ବୈଷ୍ଣବ । ଶୈବମାନେ ଶିବଙ୍କର ପୂଜା ଉପାସନା କରୁଥିବାବେଳେ ଶାକ୍ତମାନେ "ମା ଶିବା" ବା "ମା' ଦୁର୍ଗା"ଙ୍କୁ ପୂଜା ଆରାଧନା କରିଥାନ୍ତି ଏବଂ ବୈଷ୍ଣବମାନେ ଭଗବାନ ବିଷ୍ଣୁଙ୍କୁ ପୂଜା କରିଥାନ୍ତି ।

## ୨୩.୩ କୌଟିଲ୍ୟଙ୍କ ରାଷ୍ଟ୍ର ପରିଚାଳନାର କୌଶଳ

କୌଟିଲ୍ୟଙ୍କ ଲିଖିତ "ଅର୍ଥଶାସ୍ତ୍ର" ରାଷ୍ଟ୍ର ଶାସନ ପଦ୍ଧତିର ଏକ ଚମତ୍କାର ପୁସ୍ତକ । କୌଟିଲଙ୍କୁ ଚାଣକ୍ୟ ଏବଂ ବିଷ୍ଣୁଗୁପ୍ତ ବୋଲି ମଧ୍ୟ କୁହାଯାଉଥିଲା । ଜନ୍ମରେ ସେ ବ୍ରାହ୍ମଣ ଥିଲେ । ସେ ତକ୍ଷଶିଳାରେ ଜନ୍ମଗ୍ରହଣ କରିଥିଲେ ଏବଂ ସେଠାରେ ଶିକ୍ଷା ପ୍ରଥମେ ଗ୍ରହଣ କରିଥିଲେ । ସେ ତାଙ୍କ ଜୀବନ ଜଣେ ଆୟୁର୍ବେଦର ଚିକିତ୍ସକ ଭାବେ ଆରମ୍ଭ କରିଥିଲେ । ତାଙ୍କର ବିଚକ୍ଷଣ ବୁଦ୍ଧି ଥିଲା ଓ ସେ ଗ୍ରୀସ୍ ଓ ପାରସ୍ୟ ଦେଶର ପ୍ରଥା, ପରମ୍ପରା ସହିତ ଖୁବ୍ ପରିଚିତ ଥିଲେ । ସେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କର ଜଣେ ଉତ୍ତମ ବନ୍ଧୁ ଓ ତାଙ୍କ ରାଜ ଦରବାରରେ ପ୍ରଧାନମନ୍ତ୍ରୀ ଥିଲେ । ତାଙ୍କୁ ମୌର୍ଯ୍ୟ ଶାସନର ମୁଖ୍ୟ ସ୍ଥପତି (Architect) କୁହାଯାଉଥିଲା । ତାଙ୍କ ଲିଖିତ ପୁସ୍ତକ "ଅର୍ଥଶାସ୍ତ୍ର" ପନ୍ଦରଟି ଭାଗରେ ବିଭକ୍ତ ହୋଇଥିଲା ଯାହାକୁ "ଅଧିକରଣ" କୁହାଯାଉଥିଲା । ବୋଧହୁଏ ଏହା ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ରଚିତ ହୋଇଥିଲା । ତାଙ୍କର ମୂଳ ପାଣ୍ଡୁଲିପିଟି ହଜିଯାଇଥିବା ବିଶ୍ୱାସ କରାଯାଏ । ଏଣୁ ସେ ଉଲ୍ଲେଖ କରିଥିବା କେତେକ ବ୍ୟାଖ୍ୟାକୁ ଉଦ୍ଧାର କରି କେତେକ ଲେଖକ ଏହା ରଚନା କରିଛନ୍ତି । ୧୯୦୯ ମସିହାରେ ଅର୍ଥଶାସ୍ତ୍ର ଏକ ପୂର୍ଣ୍ଣାଙ୍ଗ ପୁସ୍ତକ ଭାବରେ ଉଦ୍ଧାର କରାଯାଇ ପ୍ରକାଶିତ ହେଲା । ଚାଣକ୍ୟ ଦୁଇଜଣ ବିଖ୍ୟାତ ରାଜନୀତି ବିଶାରଦ ଯଥା- ଶୁକ୍ର ଓ ବୃହସ୍ପତିଙ୍କ ରଚନାକୁ ସ୍ୱୀକାର କରିଥିଲେ । ଏହାଛଡ଼ା ସେ ଚାରିପାଞ୍ଚଟି ଅନୁଷ୍ଠାନ ଏକ ଡଜନ ଲେଖକ ଓ ତାଙ୍କ ଗୁରୁ (ଆଚାର୍ଯ୍ୟ)ଙ୍କୁ ମଧ୍ୟ ତାଙ୍କ ଲେଖନୀରେ ସ୍ଥାନ ଦେଇଥିଲେ ।

କୌଟିଲ୍ୟ କହିଥିଲେ ଯେ ରାଷ୍ଟ୍ର ମୁଖ୍ୟତଃ ଦୁଇଟି କାର୍ଯ୍ୟ ପ୍ରତି ଗୁରୁତ୍ୱ ଦେବା କଥା ଯଥା- ଜନସାଧାରଣଙ୍କ କଲ୍ୟାଣ କାର୍ଯ୍ୟକୁ ଆଗେଇନେବା ଓ ଏହାର ରକ୍ଷା କରିବା ଓ ଦ୍ୱିତୀୟରେ ଏଗୁଡ଼ିକୁ ଦୃଢ଼ କରିବା (Consolidate) । ରାଷ୍ଟ୍ରର ପ୍ରଥମ ପ୍ରକାର୍ଯ୍ୟଟି ହେଉଛି ତନ୍ତ୍ର (Tantra) ଓ ଦ୍ୱିତୀୟଟି ଦ୍ରପ (Drapa) । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ପ୍ରଥମେ ତନ୍ତ୍ର ଓ ତାପରେ ଦ୍ରପକୁ ନେଇ ଖୁବ୍ ସୁନ୍ଦର ଭାବେ ସଜ୍ଜିତ କରାଯାଇଅଛି ।

ପୂର୍ବରୁ କୁହାଯାଇଅଛି ଯେ ଅର୍ଥଶାସ୍ତ୍ରକୁ ୧୫ଟି ପୁସ୍ତକରେ ବିଭକ୍ତ କରାଯାଇଅଛି । ପ୍ରଥମ ପାଞ୍ଚଟି ପୁସ୍ତକ "ତନ୍ତ୍ର"କୁ ବୁଝାଇଥାଏ । ଏହି ବହିଗୁଡ଼ିକ ରାଜ୍ୟ ଶାସନର କାର୍ଯ୍ୟନୀତି, କାର୍ଯ୍ୟଶୈଳୀ, ଶାସନ ପଦ୍ଧତି, ଶୃଙ୍ଖଳା, ଦଣ୍ଡବିଧାନ, ଖଜଣା ସଂକ୍ରାନ୍ତୀୟ, ଫୌଜଦାରୀ ଓ ଦେବାନୀ ଆଇନ, ଅସାମାଜିକ ତତ୍ତ୍ୱକୁ ଦମନ କରିବା, ଅଧିକାରୀ ଓ କର୍ମଚାରୀଙ୍କ ଦରମା ସଂକ୍ରାନ୍ତୀୟ ବିଷୟବସ୍ତୁଗୁଡ଼ିକୁ ଦର୍ଶାଇଥାଏ । ଷଷ୍ଠରୁ ଚତୁର୍ଦ୍ଦଶ ପୁସ୍ତକଗୁଡ଼ିକ ଦ୍ରପକୁ ବୁଝାଇଥାଏ । ଏଥିରେ ରାଷ୍ଟ୍ରର ବୈଶିଷ୍ଟ୍ୟ,



ବୈଦେଶିକ ନୀତି, ଜାତୀୟ ବା ପ୍ରାକୃତିକ ବିପତ୍ତି (ବନ୍ୟା, ମରୁଡ଼ି) ସାମରିକ କାର୍ଯ୍ୟାବଳୀ, ଗୁପ୍ତଚର ନିଯୁକ୍ତି ଇତ୍ୟାଦି ଉଲ୍ଲେଖ କରାଯାଇଛି । ପରିଶେଷରେ ପଞ୍ଚଦଶ ପୁସ୍ତକଟିରେ ଅର୍ଥଶାସ୍ତ୍ରରେ ବ୍ୟବହୃତ ବିଭିନ୍ନ କଠିନ ଶବ୍ଦର ଅର୍ଥକୁ "ପରିଭାଷା" (Glossary) ହିସାବରେ ଲିପିବଦ୍ଧ କରାଯାଇଛି ।

ଅର୍ଥଶାସ୍ତ୍ର ପୁସ୍ତକଟି ତିନିଗୋଟି ମୁଖ୍ୟ ଉପାଦାନଗୁଡ଼ିକୁ ନେଇ ପ୍ରସ୍ତୁତ ହୋଇଅଛି ଯଥା- ରାଜନୀତି (Politics), ରାଜନୈତିକ ଦର୍ଶନ (Political Philosophy) ଏବଂ ଦଣ୍ଡନୀତି (Laws of punishment) । ଏତଦ୍‌ବ୍ୟତୀତ, ଅର୍ଥଶାସ୍ତ୍ର ହେଉଛି ରାଷ୍ଟ୍ର ଏବଂ ସାମାଜିକ ସମ୍ପର୍କର ଏକ ଅପରିହାର୍ଯ୍ୟ ବା ଅକ୍ଷୁଣ୍ଣ ଅଂଶ (Integral part) ଯାହାକି ଅର୍ଥନୈତିକ ଉପାଦାନଗୁଡ଼ିକୁ ସୂଚିତ କରିଥାଏ। ଏଥିପାଇଁ କେତେକ ବିଶାରଦ ଏହାକୁ ଏକ ରାଜନୈତିକ ଅର୍ଥନୀତି (Political Economy) ବୋଲି କହିଥାନ୍ତି, ଯେଉଁଠି ରାଷ୍ଟ୍ରମୁଖ୍ୟ ହିସାବରେ ରାଜା ରାଷ୍ଟ୍ରର ଧନସମ୍ପତ୍ତିକୁ ପରିଚାଳନା କରିଥାନ୍ତି।

ଅର୍ଥଶାସ୍ତ୍ରର କେତେକ ସମାଲୋଚକ; ରାଷ୍ଟ୍ରକୁ କୌଟିଲ୍ୟ କେତେକ ଅହେତୁକ କ୍ଷମତା ପ୍ରଦାନ କରିଛନ୍ତି ବୋଲି କହିଥାନ୍ତି। ତାଙ୍କ କହିବା ଅନୁଯାୟୀ ପ୍ରତ୍ୟେକ ରାଜା ଜଣେ ଚକ୍ରବର୍ତ୍ତୀ ରାଜା ବୋଲି ପରିଚୟ ଦେବା ଉଚିତ। ସରକାର ଜନସାଧାରଣଙ୍କ ଅର୍ଥନୈତିକ ଜୀବନକୁ ପରିଚାଳିତ କରିଥାଏ। ଦେଶରେ ଥିବା ସମସ୍ତ ଖଣି, ମତ୍ସ୍ୟପାଳନ, କୃଷି ଉଦ୍ୟାନ, ଜଙ୍ଗଲ, ଜାହାଜ ସମୂହ (ପୋତାଶ୍ରୟ) ବଡ଼ ବଡ଼ କଳକାରଖାନା ଇତ୍ୟାଦିକୁ ଜାତୀୟ ସମ୍ପତ୍ତି ବୋଲି ବିଚାର କରାଯାଏ। ରାଷ୍ଟ୍ର କ୍ରୀତଦାସ ଓ ଅପରାଧିମାନଙ୍କ ପରିଶ୍ରମକୁ ମଧ ଠିକ୍ ଭାବେ ବୁଝିଥାଏ । ପୋଲିସର ଗୁପ୍ତଚରମାନେ ରାଷ୍ଟ୍ରର ପ୍ରତ୍ୟେକ ଗୁପ୍ତ ପଥରେ ସଦାସର୍ବଦା ସଜାଗ ହୋଇ ରହିଥାନ୍ତି । ଅପରାଧି ଓ ଅସାମାଜିକ ବ୍ୟକ୍ତିଙ୍କ ପାଇଁ ଦଣ୍ଡବିଧାନ ଅତି କଠୋର ଥିଲା।

## ପାଠଗତ ପ୍ରଶ୍ନ ୨୩.୨

ଗୋଟିଏ ବାକ୍ୟରେ ଉତ୍ତର ଦିଅ ।

(୧) ବେଦ ଦ୍ୱାରା ଗ୍ରହଣ କରାଯାଇଥିବା ଦର୍ଶନ ଶାସ୍ତ୍ରର ଛଅଗୋଟି ବ୍ୟବସ୍ଥାକୁ ଉଲ୍ଲେଖ କର । ......................................................................

(୨) କେଉଁ ଧର୍ମକୁ ସମ୍ରାଟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ସମର୍ଥନ କରୁଥିଲେ ? ............................... ................................

(୩) ଜୈନ ଧର୍ମର ଦୁଇଟିଯାକ ସମୁଦାୟର ନାମ ଲେଖ ............................................ ..............................



(୪) ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ନାତିଙ୍କ ନାମ କ'ଣ ? ................................................

(୫) ଶୈବବାଦ କହିଲେ କ'ଣ ବୁଝ ? ....................................................

(୬) କେଉଁ ସମ୍ରାଟଙ୍କ ଶାସନ କାଳରେ ବୌଦ୍ଧଧର୍ମ ଭାରତରେ ପ୍ରସାର ଲାଭ କରିଥିଲା ? ........................................

## ୨୩.୪ ମନୁ Manu

ଏହି ଅଧ୍ୟାୟରେ ଆମେ ମହାମନିଷୀ ମନୁଙ୍କ ଅବଦାନ ସମ୍ବନ୍ଧରେ ଆଲୋଚନା କରିବା । ମନୁଙ୍କ ଅବଦାନ ବା ଲେଖନୀକୁ ମନୁଙ୍କ ଧର୍ମଶାସ୍ତ୍ର ବା ଆଇନଗ୍ରନ୍ଥ (Code of Manu) ବା ମନୁସ୍ମୃତି, ମାନବ ଧର୍ମଶାସ୍ତ୍ର ବା ମନୁ ସଂହିତା ବୋଲି କୁହାଯାଇଥାଏ । ବୋଧହୁଏ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ତାଙ୍କର ଗ୍ରନ୍ଥଟି ଲୋକଲୋଚନକୁ ଆସିଥିଲା ।

ମନୁସ୍ମୃତିରେ ସର୍ବମୋଟ ୨୬୮୫ଟି ପଂକ୍ତି ବା ଶ୍ଳୋକ (Verses) ରହିଅଛି । ଏହା ବାରଟି ପୁସ୍ତକରେ ବିଭକ୍ତ । ପ୍ରଥମ ପୁସ୍ତକଟି ସୃଷ୍ଟି ସମ୍ବନ୍ଧରେ ରଚନା କରାଯାଇଅଛି । ଦ୍ୱିତୀୟ ବହିଟି ଆଇନ ସମ୍ପର୍କରେ ରଚିତ । ଏହା ଜୀବନର ପ୍ରଥମ ଚାରୋଟି ଆଶ୍ରମ ସମ୍ପର୍କରେ ଆଲୋଚନା କରିଥାଏ । ଯଥା- ପ୍ରଥମଟି ବ୍ରହ୍ମଚାରୀ ଯାହାକି ଜଣେ ଛାତ୍ରର କର୍ତ୍ତବ୍ୟ ସମ୍ବନ୍ଧରେ ସୂଚାଇଥାଏ । ଦ୍ୱିତୀୟ ଆଶ୍ରମ ଗୃହସ୍ଥ୍ୟ ଧର୍ମ ସମ୍ପର୍କରେ ଆଲୋଚନା ହୋଇଥାଏ ଯାହାକି ତୃତୀୟ ଓ ଚତୁର୍ଥ ପୁସ୍ତକଗୁଡିକ ସଂଗେ ପୁରାପୁରି ଭାବରେ ଜଡିତ । ପଞ୍ଚମ ପୁସ୍ତକଟି ସ୍ତ୍ରୀମାନଙ୍କ ସମ୍ପର୍କରେ ଲିଖିତ ଅଟେ । ଷଷ୍ଠ ବହିଟି ଶେଷ ଦୁଇଟି ଆଶ୍ରମକୁ ବୁଝାଇଥାଏ ଯଥା ବାନପ୍ରସ୍ଥ (Forest dwelling) ଏବଂ ସନ୍ନ୍ୟାସ (Renunciation) । ସପ୍ତମ, ଅଷ୍ଟମ ଓ ନବମ ପୁସ୍ତକଗୁଡିକରେ ଆଇନ୍‌ର ଉତ୍ପତ୍ତି, ଆଇନ୍‌ବ୍ୟବସ୍ଥା, ରାଜନୀତି, ରାଜାଙ୍କ କର୍ତ୍ତବ୍ୟ, ଦେବାନୀ ଓ ଫୌଜଦାରୀ ଆଇନ, ଘରୋଇ ଆଇନ ଇତ୍ୟାଦି ଲିପିବଦ୍ଧ ହୋଇଅଛି । ଦଶମ ପୁସ୍ତକଟି ଜାତିର ଉତ୍ପତ୍ତି ବିକାଶ, ଏହାର ନୀତି ଓ ବ୍ୟବସ୍ଥା ଇତ୍ୟାଦିକୁ ଦର୍ଶାଇଥାଏ । ଏହା ବୈଶ୍ୟ (ବଣିକ, ବେପାର, ଉତ୍ପାଦନକାରୀ ଜାତି), ଶୁଦ୍ର (ଭୃତ୍ୟ ଯୋଗ୍ୟ ବା ନୀଚ ଜାତିର) ଏବଂ ଅନ୍ୟାନ୍ୟ ଜାତିଗୁଡିକର ସାଧାରଣ ନୀତି ବା ନୈତିକତା, ଭଲମନ୍ଦ, ଯଜ୍ଞ ହୋମ, ବଳିଦାନ, ପାପ ଇତ୍ୟାଦି ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ଏକାଦଶ ପୁସ୍ତକରେ ଲିପିବଦ୍ଧ ହୋଇଅଛି । ଶେଷ ପୁସ୍ତକ ତଥା ଦ୍ୱାଦଶ ପୁସ୍ତକରେ ଭଲ ଓ ମନ୍ଦ କାର୍ଯ୍ୟ ପାଇଁ ଭବିଷ୍ୟତ ଫଳାଫଳ, ଆତ୍ମାର ପରିଚୟ, ଜନ୍ମ ଓ ମୃତ୍ୟୁ ଜଞ୍ଜାଳରୁ ମୁକ୍ତି (ମୋକ୍ଷ) ଏବଂ ପୁନର୍ଜନ୍ମ ଇତ୍ୟାଦି ସମ୍ପର୍କରେ ମନୁସ୍ମୃତିରେ ଦର୍ଶାଯାଇଅଛି । ମନୁ, ତାଙ୍କ ରଚନା ମାଧ୍ୟମରେ ମଣିଷକୁ ନିଜ ସ୍ୱାର୍ଥକୁ ନିୟନ୍ତ୍ରଣ କରିବା ପାଇଁ ପରାମର୍ଶ ଦେଇଛନ୍ତି । ଏହା ବୁଝିବା ଠିକ୍ ହେବନି ଯେ ସେ ତା'ର ସୁଖ ଓ ଆନନ୍ଦରୁ ଦୂରେଇଯିବ । ମନୁ ଏହା ମଧ୍ୟ କହିଛନ୍ତି ଯେ ମଣିଷ ନିଶ୍ଚିତ ଭାବରେ ତାର



ଜୀବନକାଳ ମଧ୍ୟରେ ଆନନ୍ଦ ଉପଭୋଗ (କାମ) କରିବା ସହିତ ଅର୍ଥ ଉପାର୍ଜନ ମଧ୍ୟ ସତ୍ ମାର୍ଗରେ କରିବା ଉଚିତ । କିନ୍ତୁ ଏହା ମଧ୍ୟ ମଣିଷ ମନେ ରଖିବା ଉଚିତ ଯେ କାମ ଓ ଅର୍ଥ ମଣିଷର ସବୁକିଛି ନୁହେଁ । ଜୀବନର ଶେଷ ମୁକ୍ତି ପାଇଁ ମଣିଷକୁ ସଂସାରିକ ମାୟା ମୋହ ଛାଡିବାକୁ ପଡିବ । ଏହା ସମ୍ଭବପର ହେବ; ଯେତେବେଳେ ମଣିଷ ତପସ୍ୱୀ ବା ସନ୍ନ୍ୟାସୀ ଜୀବନକୁ ଆପଣାଇନେବ । କିନ୍ତୁ ଏହା ପୂର୍ବରୁ ତାକୁ ବାନପ୍ରସ୍ଥ ଧର୍ମଗ୍ରହଣ କରିବାକୁ ପଡିବ ।

ମନୁ, ତାଙ୍କ ସଂହିତାରେ ବର୍ଣ୍ଣନା କରିଛନ୍ତି ଯେ ଯେଉଁ ଚାରିଗୋଟି ବର୍ଣ୍ଣ (Varna) ସମାଜରେ ଦେଖାଯାଏ; ସେଗୁଡିକ ଗୋଟିଏ ଗୋଟିଏ ସାମାଜିକ ଗୋଷ୍ଠୀ ଯାହାକୁ ଜାତି କୁହାଯାଏ । ପ୍ରତ୍ୟେକ ଜାତିର ନିଜସ୍ୱ ଜୀବିକା (Occupation) ରହିଅଛି। ଏହି ସାମାଜିକ ଗୋଷ୍ଠିଗୁଡିକର ଅବସ୍ଥିତି ସମାନ ନୁହେଁ କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କୁ ଏଥିରେ ପ୍ରାଧାନ୍ୟ ଦିଆଯାଏ କାରଣ ବ୍ୟକ୍ତିର ମଧ୍ୟ ସାମାଜିକ ବ୍ୟବସ୍ଥାପ୍ରତି କିଛି ନା କିଛି ଅବଦାନ ରହିଅଛି । ପ୍ରତ୍ୟେକ ସାମାଜିକ ଗୋଷ୍ଠୀ ତା'ର ନିଜସ୍ୱ ଧର୍ମ ବା ସ୍ୱଧର୍ମ କାର୍ଯ୍ୟ ସମ୍ପାଦନ କରିଥାଏ। କିନ୍ତୁ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ସେ ମଧ୍ୟ ଅନ୍ୟମାନଙ୍କ ଉପରେ ନିର୍ଭର କରିଥାଏ । ଏଣୁ ଗୋଷ୍ଠି ଗୋଷ୍ଠି ମଧ୍ୟରେ ଥିବା ନିର୍ଭରଶୀଳତା ଯୋଗୁଁ ସାମାଜିକ ଏକତା (Social Unity) ଦେଖାଦେଇଥାଏ ।

## ପାଠଗତ ପ୍ରଶ୍ନ ୨୩.୩

ଉପଯୁକ୍ତ ଶବ୍ଦ ପ୍ରୟୋଗ କରି ଶୂନ୍ୟସ୍ଥାନ ପୂରଣ କର।

(୧) ମନୁଙ୍କ ଧର୍ମଶାସ୍ତ୍ର ବା ଆଇନଶାସ୍ତ୍ରକୁ ............. କୁହାଯାଏ ।

(୨) ମନୁସ୍ମୃତିରେ ................ଟି ପଂକ୍ତି ବା ଶ୍ଳୋକ ଅଛି ।

(୩) ଶେଷ ଆଶ୍ରମକୁ ................. କୁହାଯାଏ ।

(୪) ସାମାଜିକ ବ୍ୟବସ୍ଥାର ସୁପରିଚାଳନା ପାଇଁ .............ଙ୍କୁ ଦାୟିତ୍ୱ ଦିଆଯାଇଥାଏ।

(୫) ରାଜନୀତିର ପୁରାତନ ବ୍ୟବସ୍ଥାଗୁଡିକ ................... ଦ୍ୱାରା ରଚିତ ହୋଇଥିଲା।

(୬) କୌଟିଲ୍ୟଙ୍କ ଅନ୍ୟ ନାମଗୁଡିକ .................... ଓ ................... ।

(୭) କୌଟିଲ୍ୟ ..................... ଶାସନର ମୁଖ୍ୟ ପୁରୋଧା ଥିଲେ ।

(୮) ଅର୍ଥଶାସ୍ତ୍ର .................. ଟି ପୁସ୍ତକରେ ବିଭକ୍ତ ହୋଇଥିଲା।

(୯) ଅର୍ଥଶାସ୍ତ୍ର ହେଉଛି ଏକ .................; କାରଣ ଏହା ରାଷ୍ଟ୍ରର ଓ ସାମାଜିକ ସମ୍ପର୍କର ଏକ ଅକ୍ଷୁଣ୍ଣ ଅଂଶ ଅଟେ ।